ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD(OD/923/Dt.23.12.2020**

# କୋଭିଡ୍ କଟକଣା ମଧ୍ୟରେ ସମସ୍ତ ଆଇସିଡିଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ

ଭୁବନେଶ୍ୱର, ୨୩/୧୨/୨୦୨୦

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ରାଜ୍ୟର ଗର୍ଭବତୀ, ପ୍ରସୂତୀ ମହିଳା ଏବଂ ଶିଶୁମାନଙ୍କ ଅତିରିକ୍ତ ପୁଷ୍ଟିସାଧନ ପାଇଁ କାର୍ଯ୍ୟକାରୀ ହେଉଥିବା ଶୁଖିଲା ରାସନ ଯୋଗାଣ ବ୍ୟବସ୍ଥାରେ ପ୍ରତିମାସର ୨୩ ତାରିଖରେ ଛତୁଆ ମିଶ୍ରଣ ଓ ମାସର ୧ ତାରିଖରେ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଟେକ୍ ହୋମ୍ ରାସନ୍ ବଣ୍ଟନ ପ୍ରକ୍ରିୟା ଜାରି ରହିଛି । ସଂପ୍ରତି ଦୀର୍ଘଦିନ ଧରି କୋଭିଡ୍ ପରିସ୍ଥିତି ଲାଗି ରହିଥିବା ସତ୍ତ୍ୱେ ଆଜି ମାସର ୨୩ ତାରିଖ ହୋଇଥିବାରୁ ରାଜ୍ୟର ସମସ୍ତ ଆଇସିଡିଏସ୍ ପ୍ରକଳ୍ପରେ ଛତୁଆ ମିଶ୍ରଣ କରାଯାଇଛି । ଏଥି ପାଇଁ ଆବଶ୍ୟକ କଞ୍ଚାମାଲ ଯଥେଷ୍ଟ ପୂର୍ବରୁ ସଂଗ୍ରହ କରାଯାଇଥିବାବେଳେ ଶୁଖିଲା ରାସନ ନିମନ୍ତେ ମାଣ୍ଡିଆ ଚୂନା, ବାଦାମ ଚିକି ଓ ଲଡୁ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହି ପ୍ରସ୍ତୁତିରେ ନିୟୋଜିତ ମିଶନ ଶକ୍ତି ଏସ୍ଏଚ୍‌ଜିମାନେ କୋଭିଡ୍ ନିୟମାବଳୀର ସଂପୂର୍ଣ୍ଣ ଅନୁପାଳନ କରିଛନ୍ତି । ଛତୁଆ ମିଶ୍ରଣ ପ୍ରକ୍ରିୟାକୁ ଜିଲ୍ଲାସ୍ତରର ବରିଷ୍ଠ ଅଧିକାରୀ, ଡିଏସ୍‌ଡବ୍ଲ୍ୟୁଓ ଏବଂ ଆଇସିଡିଏସ୍ କାର୍ଯ୍ୟକର୍ତ୍ତାମାନେ ତଦାରଖ କରିଛନ୍ତି ।

ପ୍ରକାଶ ଥାଉ କି, ଛତୁଆ ମିଶ୍ରଣ ନିମନ୍ତେ ନିର୍ଦ୍ଦିଷ୍ଟ ସର୍ତ୍ତାବଳି ପୂରଣ କରୁଥିବା ଏସ୍ଏଚ୍‌ଜିମାନଙ୍କୁ ଚୟନ କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଛତୁଆ ପ୍ରସ୍ତୁତିରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସେମାନଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଛତୁଆ ମିଶ୍ରଣ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ସହ ମିଶ୍ରଣ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ରେକର୍ଡିଂ କରାଯାଇ ଏଥିପାଇଁ ଉଦ୍ଦିଷ୍ଟ ସୂଚନା ପରିଚାଳନା ବ୍ୟବସ୍ଥାରେ ଅପ୍‌ଲୋଡ୍ କରାଯାଉଛି । ଛତୁଆ ମିଶ୍ରଣ ଓ ପ୍ରସ୍ତୁତି ପାଇଁ ଏସ୍ଏଚ୍‌ଜି ୟୁନିଟ୍‌ମାନେ ଉନ୍ନତ ଯନ୍ତ୍ରପାତି ଏବଂ ସରଞ୍ଜାମ ସଂଗ୍ରହ କରିବା ସହ ଏହିସବୁ ଆଧୁନିକ ଉପକରଣ ବ୍ୟବହାର କରି ଛତୁଆ ମିଶ୍ରଣ କରିପାରୁଛନ୍ତି । ରାଜ୍ୟ ସରକାରଙ୍କ ପ୍ରଦତ୍ତ ୫-'ଟି' ସୂତ୍ର ଅନୁଯାୟୀ ଏହି ଛତୁଆ ମିଶ୍ରଣ ଓ ବଣ୍ଟନ ସଂପର୍କିତ ସମସ୍ତ ପ୍ରକ୍ରିୟାର ପରିଚାଳନା ପାଇଁ 'ମୋ ଛତୁଆ' ଆପ୍ ଏବଂ ୱେବ୍‌ସାଇଟ୍‌ର ଉପଯୋଗ କରାଯାଉଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ